# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**26 December - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ୧୭ଜଣଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ।
- ସୁସ୍ଥ ଯୁବପୀଢ଼ି, ସୁସ୍ଥ ରାଷ୍ଟ୍ର ନିର୍ମାଣ କରିପାରିବେ ବୋଲି ପୁରସ୍କାର ବିଜେତାଙ୍କ ସହ ଭାବ ବିନିମୟ କରି କହିଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟରେ ଆସନ୍ତା ଶିକ୍ଷାବର୍ଷରୁ କଲେଜ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବା ନେଇ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହେଲା ବର୍ଷାଜନିତ ଫସଲ କ୍ଷୟକ୍ଷତିର ଆକଳନ ।

## ରାଷ୍ଟ୍ରପତି-ବାଲ୍ ପୁରସ୍କାର

ପ୍ରତ୍ୟେକ ପିଲାଙ୍କ ପାଖରେ ଅତୁଳନୀୟ ଗୁଣ ରହିଛି । ସେମାନଙ୍କର ସଫଳତା ଦେଶର ସବୁ ନାଗରିକଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀଠାରେ ଆଜି ରାଷ୍ଟ୍ରପତି

୭ଟି ବର୍ଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୭ଜଣ ପିଲାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରି ପିଲାମାନଙ୍କର ଉପଲବ୍ଧିକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇଛନ୍ତି । କଳା ଓ ସଂସ୍କୃତି, ସାହସିକତା, ଉଦ୍‌ଭାବନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ ଆଦି କ୍ଷେତ୍ରରେ ୧୪ଟି ରାଜ୍ୟରୁ ମନୋନୀତ ହୋଇଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ବିଶ୍ୱ ଯୁବଭାରୋତ୍ତଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଢେଙ୍କାନାଳ ଜିଲ୍ଲାର ପ୍ରୀତିସ୍ମିତା ଭୋଇଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି । ପୁରସ୍କାର ବାବଦରେ ପଦକ, ପ୍ରମାଣପତ୍ର ଏବଂ ପ୍ରଶଂସାପତ୍ର ପୁସ୍ତିକା ଦିଆଯାଇଛି ।

## ପିଏମ୍-ବାଲ୍‌ବୀର ପୁରସ୍କାର

ସୁସ୍ଥ ଯୁବପିଢ଼ୀ, ସୁସ୍ଥ ରାଷ୍ଟ୍ର ନିର୍ମାଣ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଭାରତ ମଣ୍ଡପମ୍‌ଠାରେ ପ୍ରଧାନମନ୍ତ୍ରୀ ବାଲ୍‌ବୀର ପୁରସ୍କାର ବିଜେତାଙ୍କ ସହ ମତ ବିନିମୟ କରି ଶ୍ରୀ ମୋଦୀ କହିଛନ୍ତି ଇତିହାସରୁ ବର୍ତ୍ତମାନ ଯାଏ ଦେଶର ପ୍ରଗତିରେ ଯୁବପିଢ଼ୀର ବଡ ଭୂମିକା ରହିଛି । ସବୁ କ୍ଷେତ୍ରରେ ଯୁବଶକ୍ତି କ୍ରାନ୍ତି ଆଣୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ପାଇଁ କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ସାହସିକତାର ପ୍ରତୀକ । କୌଣସି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦେଶ ହିତଠାରୁ ବଳି କିଛି ନାହିଁ । ଦେଶପାଇଁ ବଞ୍ଚୁଥିବା ପ୍ରତ୍ୟେକ ପିଲା ବୀର ବାଳକ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**- V/O -**

ଏଥିସହ ପ୍ରଧାନମନ୍ତ୍ରୀ ସୁପୋଷିତ ଗ୍ରାମପଞ୍ଚାୟତ ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଶ୍ରେଷ୍ଠବିବେଚିତ ଏକହଜାର ଗ୍ରାମ ପଞ୍ଚାୟତଙ୍କୁ ପୁରସ୍କୃତ କରାଯାଇଛି । ପୁରସ୍କାର ରାଶିର ୫୦ପ୍ରତିଶତ ଅଙ୍ଗନବାଡି କର୍ମୀ ସହାୟିକା ଏବଂ ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯିବ । ଅବଶିଷ୍ଟ ୫୦ ପ୍ରତିଶତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଚାଲିଥିବା ପୋଷଣ ସୁଧାର ପାଇଁ ଖର୍ଚ୍ଚ କରାଯିବ ବୋଲି ଜଣାପଡିଛି ।

ସୂଚନା ଅନୁସାରେ ଗୁରୁ ଗୋବିନ୍ଦ ସିଂହଙ୍କ ପୁତ୍ର ସାହେବଜାଦାମାନଙ୍କୁ ସେମାନଙ୍କ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ୨୦୨୨ ମସିହାରୁ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖକୁ ବୀର ବାଲ୍ ଦିବସ ଭାବେ ପାଳନ କରାଯିବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ।

## ପ୍ରଧାନମନ୍ତ୍ରୀ ସ୍ୱାମିତ୍ୱ ସମ୍ପତ୍ତି କାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ୫୮ଲକ୍ଷ ସ୍ୱାମିତ୍ୱ ସମ୍ପତ୍ତି କାର୍ଡ ବଣ୍ଟନ କରିବେ । ଓଡ଼ିଶାକୁ ମିଶାଇ ୧୦ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ପାଖାପାଖି ୫୦ହଜାର ଗ୍ରାମରେ ଏହି କାର୍ଡ ବଣ୍ଟନ କରାଯିବ । ଯୋଜନାରେ ୨କୋଟିରୁ ଅଧିକ ସମ୍ପତ୍ତି କାର୍ଡ ପ୍ରସ୍ତୁତି ଏବଂ ବିତରଣର ଲକ୍ଷ୍ୟ ରଖାଯାଇଛି । ଆସନ୍ତାକାଲି ଗୋଟିଏ ଦିନରେ ୫୮ଲକ୍ଷରୁ ଅଧିକ କାର୍ଡ ବଣ୍ଟନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ସହ ମନୋନୀତ ହିତାଧିକାରୀଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଏହି କାର୍ଡ ବଣ୍ଟନର

ଆଞ୍ଚଳିକ ସମାରୋହର ତଦରଖ କରିବା ପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳର ୧୩ଜଣ ସଦସ୍ୟ ସମ୍ପୃକ୍ତ ସ୍ଥାନ ଗୁଡ଼ିକରେ ଉପସ୍ଥିତ ରହିବେ । ୨୦୨୦ ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ପାଳନ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ମାଧ୍ୟମରେ ଡ୍ରୋନ୍ ଏବଂ ଜିଆଇଏସ୍ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମାଞ୍ଚଳର ଭୂ-ସମ୍ପତ୍ତି ମାଲିକଙ୍କୁ ରେକର୍ଡ ଅଧିକାର ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

## ମୁଖ୍ୟମନ୍ତ୍ରୀ-ଛାତ୍ରସଂସଦ ନିର୍ବାଚନ

ରାଜ୍ୟରେ ଆସନ୍ତା ଶିକ୍ଷାବର୍ଷରୁ କଲେଜ ଛାତ୍ରସଂସଦ ନିର୍ବାଚନ ହେବ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଅଣଚାଶତମ ରାଜ୍ୟ

ଅଧିବେଶନରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ କହିଛନ୍ତି । କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ଶୈକ୍ଷିକ ବାତାବରଣରେ ଜ୍ଞାନବୃଦ୍ଧି, ଚରିତ୍ର ନିର୍ମାଣ ଓ ସମ୍ମିଳିତ ଉଦ୍ୟମରେ ରାଷ୍ଟ୍ର ନିର୍ମାଣ ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଭାରତ ବର୍ଷର ୫ଟି ପ୍ରମୁଖ ରାଜ୍ୟ ମଧ୍ୟରେ ସ୍ଥାନ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# - V/O -

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସଂଗଠନ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଛନ୍ତି ।

## ଶ୍ରୀଜୀଉଙ୍କ କ୍ୟାଲେଣ୍ଡର

ଆସନ୍ତା ୨୦୨୫ ବର୍ଷ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଫଟୋଚିତ୍ର ସମ୍ବଳିତ କ୍ୟାଲେଣ୍ଡର ପ୍ରକାଶ ପାଇଛି । ଉଭୟ ୱାଲ ଏବଂ ଡେସ୍କ କ୍ୟାଲେଣ୍ଡର ଗୁଡ଼ିକର ପ୍ରଥମ କପି ଶ୍ରୀଜୀଉଙ୍କ ପାଖରେ ଲାଗି ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାକୁ ବିଧିବଦ୍ଧ ଭାବେ ଉନ୍ମୋଚନ କରିଛନ୍ତି । ଏହି କ୍ୟାଲେଣ୍ଡରରେ ରାଜ୍ୟର ବିଭିନ୍ନ ଶିଳ୍ପୀଙ୍କ ଚିତ୍ର ଏବଂ କଳାକୃତି ସ୍ଥାନ ପାଇଛି । ଖ୍ରୀଷ୍ଟୀୟ ନବବର୍ଷ ଅବସରରେ ପୁରୀ ଏବଂ ଭୁବନେଶ୍ୱରସ୍ଥିତ ମନ୍ଦିର ଗୁଡ଼ିକରେ ଏହି କ୍ୟାଲେଣ୍ଡର ଶ୍ରଦ୍ଧାଳୁଙ୍କ କ୍ରୟ ପାଇଁ ଉପଲବ୍ଧ କରାଯିବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ ।

## ଫସଲ ବୀମା ରାଶି

ଚାଷୀଙ୍କୁ ଫସଲ ବୀମା ରାଶି ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୀମା କମ୍ପାନୀଗୁଡ଼ିକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ସମ୍ବେଦନଶୀଳତାର ସହ ଚାଷୀଙ୍କ ଆବେଦନକୁ ସମୀକ୍ଷା କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି । ଗତ ୨୪ ତାରିଖ ମଧ୍ୟରେ ୨୦ଜହାରରୁ ଅଧିକ ଚାଷୀ ବୀମା ରାଶି ପାଇବା ପାଇଁ ଆବେଦନ କରିସାରିଛନ୍ତି । ଚାଷୀଙ୍କୁ ବୀମାରାଶି ପ୍ରଦାନ ନେଇ ବୀମା କମ୍ପାନୀ ଏବଂ କୃଷି ବିଭାଗ ସହ ଆଲୋଚନା ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ ପସଲ ନଷ୍ଟ ହୋଇଛି । କ୍ଷୟକ୍ଷତି ଆକଳନ ଚାଲିଛି । ରିପୋର୍ଟ ମିଳିବା ପରେ ଏନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣ୍ଡି ଖୋଲିବା ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ପରିବର୍ତ୍ତିତ ସୂଚୀ ପୁନଃ ପ୍ରକାଶ ପାଇଁ ପଦକ୍ଷେପ ନିଆଯାଉଛି ।

## ଯୋଗାଣ ମନ୍ତ୍ରୀ–ଧାନର ଏଫିକ୍ୟୁ ମାନ

ଧାନର ଏଫିକ୍ୟୁ ମାନରେ କୋହଳ କରାଯିବା ନେଇ ଜିଲ୍ଲାସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏନେଇ ଚାଷୀ ଏବଂ ଜିଲ୍ଲା ପ୍ରଶାସନ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସେ କହିଛନ୍ତି । ଚାଷୀଙ୍କ ଠାରୁ ଧାନସଂଗ୍ରହରେ ଟାଳଟୁଳ ନୀତି ଅବଲମ୍ବନ ନକରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ପୁରା ନଷ୍ଟ

ନହୋଇଥିଲେ ଧାନ ଗ୍ରହଣ କରିବାକୁ ପଦକ୍ଷେପ ନିଆଯିବା ଉଚିତ୍ । ଏଥିପାଇଁ ଜିଲ୍ଲାସ୍ତରରେ ଚାଷୀ, ମିଲର ଏବଂ ପ୍ରଶାସନ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ।

## ଫସଲ କ୍ଷୟକ୍ଷତି ଆକଳନ

ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଗ୍ରାମରେ ସାମ୍ପ୍ରତିକ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ଆକଳନ କାର୍ଯ୍ୟ ଆରମ୍ଭ ହୋଇଛି । ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନି ଏବଂ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ୧୫ଜଣିଆ ଦଳ ବିଭିନ୍ନ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ଦଳ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର, ସାନରାମଚନ୍ଦ୍ରପୁର, ଯୁଡିଏସ୍ପୁର ଏବଂ ପୋଇରା ପଞ୍ଚାୟତ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ତିନିଦିନ ଧରି କ୍ଷୟକ୍ଷତି ଆକଳନ ନେଇ କ୍ଷେତ୍ରିୟ ସମୀକ୍ଷା କାର୍ଯ୍ୟ ଚାଲିବ ବୋଲି ତହସିଲଦାର ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ଧାନସଂଗ୍ରହ

ଭଦ୍ରକ ଜିଲ୍ଲାରେ ଧାନସଂଗ୍ରହ ପ୍ରକ୍ରିୟା ଆସନ୍ତାମାସ ୫ ତାରିଖରୁ ଆରମ୍ଭ ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ମଣ୍ଡି ଖୋଲାଯାଇ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥିର ହୋଇଥିଲା । ତେବେ ପ୍ରତିକୂଳ ପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାନକିଣା ତାରିଖ ଘୁଞ୍ଚାଇ ଦିଆଯାଇଛି ବୋଲି ପ୍ରଶାସନ କହିଛି ।

## ପାଣିପାଗ

ଦକ୍ଷିଣ ପଶ୍ଚିମ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ରମଶଃ ଦୁର୍ବଳ ହୋଇଛି । ଆଜିଠୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ  ପାଇଛି । ରାଜ୍ୟର ଉପକୂଳ ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ କୋହଲା ପାଗ ଅନୁଭୂତ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ଘଣ୍ଟା ମଧ୍ୟରେ ସାମାନ୍ୟ ବର୍ଷା ହେବା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।